## ଓଁ ଶ୍ରୀ ସାଇରାମ

## ପ୍ରାର୍ଥନା

୧) **ପ୍ରାରମ୍ଭିକ ପ୍ରଶ୍ନାବଳୀ :**

(କ) ଆଚ୍ଛା ପିଲାମାନେ ତୁମେମାନେ ପ୍ରାର୍ଥନା କର ?

(ଖ) ପ୍ରାର୍ଥନା କରିବା ଦ୍ୱାରା କଣ ହୋଇଥାଏ ?

(ଗ) ଭଗବାନ କଣ ତୁମ ପାଖରେ ସବୁବେଳେ ଥାଆନ୍ତି ଯେ, ତୁମ କଥା ଶୁଣି ପାରନ୍ତି ?

(ଘ) ପିଲାମାନେ ଜାଣିଛ, ଆମ ହାତର ପାପୁଲୀରେ ମଧ୍ୟ ଦେବାଦେବୀମାନେ ରହିଥାନ୍ତି । ଆଜି ଆମେ ଗୋଟିଏ ପ୍ରାର୍ଥନା ଶିଖିବା । ସେଥିରେ ତୁମେ ଜାଣିପାରିବ, ଆମ ପାପୁଲୀରେ କେଉଁ ଦେବାଦେବୀମାନେ ଅଛନ୍ତି ?

ଜାଣିଛ ପିଲାମାନେ ! ତୁମେ ଯଦି ସକାଳୁ ଉଠି ତୁମ ହାତପାପୁଲିକୁ ଦେଖି ସେଇ ପ୍ରାର୍ଥନାଟି ଗାଇବ, ତୁମର ସାରା ଦିନଟି ଭଲରେ କଟିବ ।

୨) **ସ୍ତୋତ୍ରର ଉଚ୍ଚାରଣ ଶିକ୍ଷା :**

**"କରାଗ୍ରେ ବସତେ ଲକ୍ଷ୍ମୀଃ କରମଧ୍ୟେ ସରସ୍ୱତୀ**
**କରମୂଳେ ତୁ ଗୋବିନ୍ଦ ପ୍ରଭାତେ କରଦର୍ଶନମ୍ ।"**

ଗୁରୁ ପ୍ରଥମେ ପିଲାମାନଙ୍କୁ ଆଖି ବନ୍ଦ କରି ବସିବାକୁ କହିବେ । ତାପରେ ପ୍ରାର୍ଥନାଟି ଶୁଣାଇବେ । ଗୁରୁ ଅଙ୍ଗୁଳି ସାହାଯ୍ୟରେ ଶ୍ଳୋକର ଶବ୍ଦଗୁଡ଼ିକ ପିଲାମାନଙ୍କୁ ଦର୍ଶାଇ ପିଲାମାନଙ୍କୁ ଶବ୍ଦ ସହ ପରିଚିତ କରାଇବେ, କୌଣସି ସନ୍ଧିଯୁକ୍ତ ଶବ୍ଦ ଥିଲେ ସନ୍ଧି ବିଚ୍ଛେଦ କରାଇବେ ।

୩) **ଅର୍ଥ :**

କରାଗ୍ରେ – ହାତର ଅଗ୍ରଭାଗରେ,
ବସତେ – ବାସ କରନ୍ତି,  କରମଧ୍ୟେ - ହାତ ମଝିରେ,
କରମୂଳେ - ପାପୁଲିର ନିମ୍ନ ଅଂଶରେ,  ଗୋବିନ୍ଦ - କୃଷ୍ଣ,
ପ୍ରଭାତେ – ସକାଳେ,  କର ଦର୍ଶନମ୍ – ହାତକୁ ଦେଖିବା ।

୪) <u>**ବ୍ୟାଖ୍ୟା :**</u> (ନିଜ ହାତକୁ ଦେଖାଇ ପିଲାମାନଙ୍କୁ କହିବା)

ହାତର ଅଗ୍ରଭାଗରେ ଲକ୍ଷ୍ମୀ ବାସ କରନ୍ତି । ହାତର ମଧ୍ୟଭାଗରେ ସରସ୍ୱତୀ ଏବଂ ହାତର ମୂଳରେ ଗୋବିନ୍ଦ ବାସ କରନ୍ତି । ତେଣୁ ପ୍ରଭାତରେ କର ବା ହାତ ଦର୍ଶନ କରିବା ଉଚିତ୍ ।

ପିଲାମାନେ ଏବେ ଟିକେ ଜାଣିବା, ଏଇ ତିନି ଠାକୁର; ମା' ଲକ୍ଷ୍ମୀ, ମା' ସରସ୍ୱତୀ ଓ ଶ୍ରୀଗୋବିନ୍ଦ, ଆମ ହାତରେ **କେଉଁଠି** ଲୁଚିକି ରହିଛନ୍ତି ?

- ଆମେ ଟଙ୍କା ଗଣିବା ପାଇଁ ହାତର କେଉଁ ଅଂଶକୁ ବ୍ୟବହାର କରିଥାଉ ? ପାପୁଲୀର ଅଗ୍ରଭାଗକୁ ।
- ଟଙ୍କାପଇସା ଆମକୁ କିଏ ଦେଇଥାନ୍ତି ?

  ମା' ଲକ୍ଷ୍ମୀ । ମା' ଲକ୍ଷ୍ମୀଙ୍କୁ ଧନର ଦେବୀ ବୋଲି ମଧ୍ୟ କୁହାଯାଇଥାଏ ।
- ଆମେ ପାପୁଲୀର ମଧ୍ୟଭାଗରେ ପୁସ୍ତକକୁ ଧରି ବିଦ୍ୟା ଅଧ୍ୟୟନ କରିଥାଉ । ଜ୍ଞାନ ମଧ୍ୟ ପାଇଥାଉ । ପିଲାମାନେ କହିଲ, ଜ୍ଞାନର ଦେବୀ କିଏ ?

  ମା' ସରସ୍ୱତୀ । ମା' ସରସ୍ୱତୀ ପାପୁଲୀର ମଧ୍ୟଭାଗରେ ରହିଥାନ୍ତି ।
- ଆମେ ଯେକୌଣସି କାର୍ଯ୍ୟକରିବାବେଳେ ହାତର ମୂଳ ଅଂଶଟି ଅଧିକ ବ୍ୟବହାର କରିଥାଉ । ତେଣୁ ସକଳ ଶକ୍ତିର ଆଧାର ଗୋବିନ୍ଦ, ହାତର ମୂଳରେ ବାସକରିଥାନ୍ତି ।
- ଗୁରୁ ପିଲାମାନଙ୍କୁ ପୂର୍ବରୁ ପ୍ରସ୍ତୁତ କରାଇଥିବା ଚିତ୍ରଟି ଦେଖାଇ କହିବେ - ପିଲାମାନେ ଏହି ଦେବାଦେବୀମାନେ କେଉଁଠି ରୁହନ୍ତି ତ ଜାଣିଗଲ । ଏବେ ଜାଣିବା ସେମାନେ ଆମକୁ **କଣ ସବୁ ପ୍ରଦାନ କରିଥାନ୍ତି** ।
- ଲକ୍ଷ୍ମୀଦେବୀ ଆମକୁ ଧନସମ୍ପତି, ଭଲ ଗୁଣ ପ୍ରଦାନ କରିଥାନ୍ତି ।
- ପିଲାମାନେ ! କେବଳ ଧନସମ୍ପତି କଣ ଆମ ପାଇଁ ଯଥେଷ୍ଟ ? ନା ଆମେ ଆଉ କିଛି ଆବଶ୍ୟକ କରିଥାଉ ?
- ଆମର ଜ୍ଞାନର ଆବଶ୍ୟକତା ଥାଏ । କାହିଁକି ନା – ଏ ଧନସମ୍ପତିକୁ କି ଭଳି ଠିକ୍ ଭାବରେ ଉପଯୋଗ କରିପାରିବା । ଭଲ ଓ ମନ୍ଦ ଭିତରେ ବିଚାର କରିବାର ଶକ୍ତି ଆବଶ୍ୟକ ହୋଇଥାଏ ।

- ଏହା ଆମେ କେଉଁ ଦେବୀଙ୍କ ପାଖରୁ ପାଇ ପାରିବା ? ଜ୍ଞାନର ଦେବୀ ମା' ସରସ୍ୱତୀଙ୍କ ପାଖରୁ ।
- ତାହେଲେ ପିଲାମାନେ ଆମେ ଯଦି ଧନ ଓ ଜ୍ଞାନ ପାଇପାରିବା, ତାହା ଯଥେଷ୍ଟ ନା ଆଉ କିଛି ଦରକାର ?
- ଏହି ଧନସମ୍ପତି ଓ ଜ୍ଞାନକୁ ସତ୍‌ବାଟରେ ନେବାପାଇଁ, ତାର ସମାଜ କଲ୍ୟାଣରେ ସଦୁପଯୋଗ ପାଇଁ ଆମକୁ ଏକ ସୁସ୍ଥ ଓ ନିରାମୟ ଶରୀରର ଆବଶ୍ୟକତା ରହିଛି ।
- ସେଥିପାଇଁ ସକଳ ଶକ୍ତିର ଆଧାର ଗୋବିନ୍ଦଙ୍କର ଆର୍ଶୀବାଦ ଦରକାର । ସେଥିପାଇଁ ଆମେ ପ୍ରଭାତ ସମୟରେ ହାତକୁ ଯୋଡ଼ି ଏହି ପ୍ରାର୍ଥନାଟି କରିବା ଆବଶ୍ୟକ । ଏହାଦ୍ୱାରା ଆମେ ମା' ଲକ୍ଷ୍ମୀ, ମା' ସରସ୍ୱତୀ ଓ ଶ୍ରୀଗୋବିନ୍ଦଙ୍କର ଆର୍ଶିବାଦ ପାଇପାରିବା ।
- ପିଲାମାନେ ! କହିଲ - ଆମ ହାତ ଭିତରେ ସେଇ ଦେବାଦେବୀଙ୍କୁ ଆମେ ଦର୍ଶନ କିପରି କରିପାରିବା ? **ସେଥିପାଇଁ ଆମକୁ କଣ ସବୁ କରିବାକୁ ପଡ଼ିବ ?**
- ହାତକୁ ସର୍ବଦା ପରିଷ୍କାର ରଖିବାକୁ ପଡ଼ିବ ।
- ନଖକୁ କାଟିବାକୁ ପଡ଼ିବ ।
- ଆମେ ସର୍ବଦା ଅପରିଷ୍କାର ଜିନିଷଠାରୁ ଦୂରରେ ରହିବାକୁ ଚେଷ୍ଟା କରିବା ।
- ହାତକୁ ସର୍ବଦା ଭଲ କର୍ମରେ ନିୟୋଜିତ କରିବା ।
- ହାତଦ୍ୱାରା ଅନ୍ୟକୁ କଷ୍ଟ ନ ଦେଇ ସାହାଯ୍ୟ କରିବା ।
- ହାତଦ୍ୱାରା ଅନ୍ୟର ଉପକାର କରିବା ।

## <u>ସୁଗନ୍ଧିତ ହସ୍ତ</u>

୫) **<u>ଗଳ୍ପ କଥନ</u> :**(ଏହାପରେ ଗୁରୁ ପିଲାମାନଙ୍କୁ କହିବେ ଯେ ଉତମ କର୍ମ କଲେ ଆମ ହାତ କିପରି ସୁଗନ୍ଧଯୁକ୍ତ ହୋଇପାରିଥାଏ ।)

ଥରେ ଭଗବାନ ପୃଥିବୀକୁ ତାଙ୍କ ଦୂତକୁ ପଠାଇଲେ । କହିଲେ - ଯାଅ ! ପୃଥିବୀରେ ଏକ ସୁନ୍ଦର ସୁଗନ୍ଧଯୁକ୍ତ ହସ୍ତଥିବା ବ୍ୟକ୍ତିକୁ ଖୋଜି ଆଣ, ଯାହାର ହାତ ସବୁଠୁ ସୁନ୍ଦର ଓ ସୁଗନ୍ଧଯୁକ୍ତ ହୋଇଥିବ ।

ଦେବଦୂତ ମଧ୍ୟରାତ୍ରିରେ ପୃଥିବୀକୁ ଗଲେ । ଭାବିଲେ, ରାତ୍ରି ସମୟରେ ସମସ୍ତେ ଶୋଇଥିବେ, ମୁଁ ସମସ୍ତଙ୍କ ନିକଟକୁ ଯାଇ ଅନୁସନ୍ଧାନ କରିପାରିବି । ଦେବଦୂତ ପ୍ରଥମେ ରାଜମହଲରେ ପ୍ରବେଶ କଲେ । ତାଙ୍କର ଧାରଣା ଥିଲା ଯେ, ରାଜାରାଣୀଙ୍କଠାରୁ ସୁନ୍ଦର ହାତ ଅନ୍ୟ କାହାର ହୋଇ ନ ପାରେ । ଏଇ କଥା ଚିନ୍ତା କରି ଦେବଦୂତ ରାଣୀଙ୍କ କକ୍ଷରେ ପ୍ରବେଶ କଲେ । ମାତ୍ର ଏତେ ଅସ୍ୱସ୍ତିକର ଦୁର୍ଗନ୍ଧ ହେଉଥିଲା ଯେ, ସେ ସଙ୍ଗେ ସଙ୍ଗେ ବାହାରକୁ ପଳାଇଆସିଲେ । ସେ ଦେବଦୂତ ହୋଇଥିବାରୁ ଜାଣିପାରିଲେ ଯେ, ରାଜା ଓ ରାଣୀ ଅନେକ ଖରାପ କାମ କରିଛନ୍ତି । ସେଥିପାଇଁ ତାଙ୍କ ହାତରୁ ଦୁର୍ଗନ୍ଧ ଆସୁଥିଲା । ଏହାପରେ ଦେବଦୂତ ରାଜ୍ୟର ସଂଭ୍ରାନ୍ତଲୋକ, ସାମନ୍ତ, ବ୍ୟବସାୟୀ ତଥା ଅନେକ ଲୋକଙ୍କ ଘରକୁ ଗଲେ । ଭାବିଲେ, କାହାର ହେଲେ ତ ହାତ ସୁନ୍ଦର ସୁଗନ୍ଧଯୁକ୍ତ ହୋଇଥିବ । କିନ୍ତୁ ଦେବଦୂତ ଦୁଃଖିତ ହୋଇଗଲେ । ଭଗବାନ କହିଥିବା ଭଳି ଜଣେ ବ୍ୟକ୍ତିର ସନ୍ଧାନ ନ ପାଇ ଭାରାକ୍ରାନ୍ତ ହୃଦୟରେ ଏକ ଖୋଲା ପଡ଼ିଆରେ ଥିବା ଏକ ବୃକ୍ଷମୂଳରେ ଯାଇ ବସିଲେ । ମନରେ ଚିନ୍ତାକଲେ, ଭଗବାନ ଦେଇଥିବା କାର୍ଯ୍ୟଟିକୁ ନ କରି କିପରି ତାଙ୍କୁ ମୁହଁ ଦେଖାଇବି । ଏଇ ସମୟରେ ହଠାତ୍ ସୁନ୍ଦର ଗନ୍ଧଟିଏ ତାଙ୍କ ଆଡ଼କୁ ଭାସିଆସିଲା । ସେ ଚାରିଆଡ଼କୁ ଚାହିଁଲେ । କିନ୍ତୁ କୌଣସି ସୁଗନ୍ଧିତ ଫୁଲ କିମ୍ବା ଫଳର ସନ୍ଧାନ ପାଇଲେ ନାହିଁ । ଦେବଦୂତ ଜଣକ ଅନ୍ଧାରରେ ଖୋଜିବାକୁ ଲାଗିଲେ । ଦେଖିଲେ ଜଣେ କୃଷକ ଖୋଲା ପଡ଼ିଆରେ ମଶିଣା ପକାଇ ଶୋଇଛି । ତାର ହାତରେ କାଦୁଅ ଲାଗିଛି, ମାତ୍ର ସେ କାଦୁଅ ଭିତରୁ ଏକ ସୁନ୍ଦର ଦିବ୍ୟ ଗନ୍ଧ ବାହାରୁଛି । ହାତପାପୁଲିରୁ ଉଜ୍ଜ୍ୱଳ ଆଲୋକ ବାହାରୁଛି । ସମଗ୍ର ପରିବେଶ ସୁଗନ୍ଧରେ ଭରିଯାଉଛି ।

ଦେବଦୂତ କୃଷକଟିକୁ ଭଗବାନଙ୍କ ପାଖକୁ ନେଇଗଲେ । କିନ୍ତୁ ସେ ଦ୍ୱନ୍ଦରେ ଥିଲେ । ସେ ଭଗବାନଙ୍କୁ ପଚାରିଲେ, କୃଷକର ହାତ କାହିଁ କି ଏତେ ସୁନ୍ଦର ଓ ସୁଗନ୍ଧଯୁକ୍ତ ? ଭଗବାନ ଦେବଦୂତକୁ କହିଲେ – କୃଷକକୁ ଦିଆଯାଇଥିବା ହାତ ଓ ଶକ୍ତି ପାଇଁ ସେ ସର୍ବଦା ଭଗବାନଙ୍କ ପାଖରେ କୃତଜ୍ଞ ଥିଲା । ସେ ଜାଣିଥିଲା ଯେ, ହାତ ଦୁଇଟି କେବଳ ଉପକରଣ ମାତ୍ର ଏବଂ ଏହାକୁ ସେ ଭଗବାନଙ୍କ କାମରେ ବିନିଯୋଗ କରୁଥିଲା । ସେ ତାର ସେଇ ହାତଦ୍ୱାରା ଅନ୍ୟକୁ ଦାନ କରୁଥିଲା, ଜମିରେ କୃଷିକାମ କରୁଥିଲା, ପୀଡ଼ିତଲୋକଙ୍କର ସେବା

କରୁଥିଲା, ପିତାମାତାଙ୍କ ସେବା କରୁଥିଲା ଏବଂ ଭଗବାନଙ୍କୁ ହାତଯୋଡ଼ି ପ୍ରାର୍ଥନା କରୁଥିଲା । ଗର୍ବ, ଅହଙ୍କାରକୁ ତ୍ୟାଗକରି ସବୁ କାର୍ଯ୍ୟର ଶ୍ରେୟ ଭଗବାନଙ୍କୁ ଦେଉଥିଲା । ତାର ଉତ୍ତମ କର୍ମପାଇଁ ଶେଷରେ ସେ ଭଗବାନଙ୍କ ପାଖରେ ପହଂଚିପାରିଲା ।

ସେଇ ପ୍ରାର୍ଥନାଟି ଉପରେ ଗୋଟିଏ **କବିତା** କିମ୍ବା **ଭଜନ** ପିଲାଙ୍କୁ କରାଇପାରିବା । ମୂଲ୍ୟବୋଧର **VDO** ଟି ମଧ୍ୟ ଦେଖାଇପାରିବା ।

### ୬) **ମୂଲ୍ୟବୋଧ ସଙ୍ଗୀତ :**

କରୁଣାସାଗର ପ୍ରଭୁ ହେ ଜଗତର ଠାକୁର  
ଘେନ ମୋର ଶିଶୁ ବିନତି ମୁହିଁ ଯୋଡୁଛି କର ।  
କରର ଅଗ୍ରରେ ମା' ଲକ୍ଷ୍ମୀ ବିଜେ କରିଅଛନ୍ତି  
ମଧ୍ୟଭାଗେ ବିଦ୍ୟାଦାୟିନୀ ସରସ୍ୱତୀ ଅଛନ୍ତି ।  
କର୍ମରେ କୁଶଳତା ଆଉ ବିଦ୍ୟା ଜ୍ଞାନର ବୃଦ୍ଧି  
ମାତା ଲକ୍ଷ୍ମୀ ସରସ୍ୱତୀ ଯେ ପଥ ଦେଖାଇଥାନ୍ତି ।  
ହସ୍ତର ମୂଳରେ ଥାଆନ୍ତି ଗୋବିନ୍ଦ ଗିରିଧର  
ପ୍ରଭାତରେ କରେ ତାଙ୍କୁ ମୁଁ ହୃଦୟରୁ ଜୁହାର ।

### ୭) **ସାମୁହିକ କାର୍ଯ୍ୟ :**

(କ) – ଗୁରୁ ପିଲାମାନଙ୍କୁ ପଚାରିବେ ହାତଦ୍ୱାରା କଣ ସବୁ କାମ କରାଯାଇପାରେ ?

- ପିଲାମାନେ ଯାହାସବୁ କହିବେ ଗୁରୁ ତାକୁ ଗୋଟିଏ ଗୋଟିଏ କରି ଛୋଟ ପେପର୍‌ରେ ଲେଖିବେ ।
- ତାପରେ ସେଇ ଛୋଟ ପେପର୍ ଗୁଡ଼ିକ ଭାଙ୍ଗି ଚିଟ୍ କରି ଗୋଟିଏ ସୁନ୍ଦର ଡ଼ବାରେ ରଖିବେ ।
- ପିଲାମାନେ ଜଣେ ଜଣେ ଆସି ସେଥିରୁ ଗୋଟିଏ ଚିଟ୍ ଉଠାଇବେ । ଯଦି ଭଲ କାମଟି ଥାଏ, ତେବେ ବାବାଙ୍କ ଫଟୋ ପାଖରେ ଠିଆହେବେ । ଯଦି ଖରାପ କାମଟି ଥାଏ, ବାବାଙ୍କଠାରୁ ଦୂରରେ ଠିଆହେବେ । ଉଦାହରଣସ୍ୱରୂପ – ଗଛ

ଲଗାଇବା – ଭଲ କାମ । ଗଛକୁ ବାଡ଼ିରେ ବାଡ଼େଇବା କିମ୍ବା ଗଛର ପତ୍ରକୁ ଅଯଥାରେ ଛିଣ୍ଡାଇବା – ଖରାପ କାମ ।

- ଏହିପରି ଭାବରେ ପ୍ରତ୍ୟେକ ପିଲାଙ୍କୁ ସୁଯୋଗ ଦେବା ।
- ପରେ ପିଲାଙ୍କୁ ତାର ମୂଲ୍ୟବୋଧ ବୁଝାଇ କହିବା – ଭଲ କାମଟି ଭଗବାନଙ୍କ ନିକଟକୁ ନେଇଥାଏ ଆଉ ଖରାପ କାମଟି ଭଗବାନଙ୍କ ପାଖରୁ ଦୂରକୁ ନେଇଯାଏ । ତେଣୁ ସର୍ବଦା ଭଲକାମ କରିବା ଉଚିତ୍ ।

| ଭଲ କାମ | ଖରାପ କାମ |
|---|---|
| (୧) ଲିଖିତ ଜପ | କାନ୍ଥରେ ଗାରେଇବା |
| (୨)ଅନ୍ୟମାନଙ୍କ ସହ ଜିନିଷ share କରିବା | ବିନା ଅନୁମତିରେ ଅନ୍ୟର ଜିନିଷ ନେଇଯିବା |
| (୩)ଅନ୍ୟକୁ ଉତ୍ସାହିତ କରିବାପାଇଁ ତାଳିମାରିବା | ଅନ୍ୟ ପିଲା ପଡ଼ିଗଲେ ତାଳି ମାରିବା |
| (୪)ଅନ୍ୟକୁ ସାହାଯ୍ୟକରିବା | ଅନ୍ୟକୁ ଚିମୁଟିବା, ରାମ୍ପିବା |
| (୫)ଶ୍ରେଣୀରେ ପଢ଼ାଯାଇଥିବା ପାଠକୁ ଠିକ୍‌ଭାବରେ ନୋଟ୍ କରିବା | ପରୀକ୍ଷାରେ ଅନ୍ୟ ପିଲାଙ୍କର ଖାତାରୁ cheating କରିବା |
| (୬) ଘରେ କାମରେ ମା/ବାପାଙ୍କୁ ସାହାଯ୍ୟ କରିବା | ଖାଦ୍ୟ ନଷ୍ଟ କରିବା |
| (୭) ଗଛରେ ପାଣିଦେବା | ଗଛରୁ ଫୁଲପତ୍ର ଅଯଥାରେ ଛିଣ୍ଡାଇବା |

**ମୂଲ୍ୟବୋଧ -** ଭଲ କାମ କରିବାଦ୍ୱାରା ଆମେ ଈଶ୍ୱରଙ୍କ ନିକଟତର ହୋଇପାରିବା ।

**(ଖ)** ପିଲାଙ୍କର ହାତରେ ଗୋଟିଏ ପାଖରେ ସାଇ ଓ ଅନ୍ୟପାଖରେ ରାମ ଲେଖିଦେବା । ଗୁରୁ ଯେତେବେଳେ ସାଇ କହିବେ ସମସ୍ତେ 'ସାଇ' ଲେଖାଥିବା ପାଖକୁ ଗୁରୁଙ୍କ ଆଡ଼କୁ ଦେଖାଇବେ । ସେହିପରି ରାମ କହିବାବେଳେ 'ରାମ'

ଲେଖାଟିକୁ ଦେଖାଇବେ । ଯଦି ଓଲଟାପାଲଟା ହୁଏ ତେବେ ଖେଳରୁ ବାହାରକୁ ଚାଲିଯିବେ । ଏହିପରି ହାତଦ୍ୱାରା ଅନେକ ପ୍ରକାର ଖେଳ ପିଲାମାନଙ୍କଦ୍ୱାରା କରାଯାଇପାରିବ ।

**୮) ସ୍ତୋତ୍ର ଉପରେ ବାବାଙ୍କର ଦିବ୍ୟ ସନ୍ଦେଶ :**

ଗୁରୁ ପିଲାମାନଙ୍କୁ କହିବେ - ଆମ ହାତରେ ଦେବାଦେବୀ ବାସକରୁଥିବାରୁ ଆମେ ହାତକୁ ଅନ୍ୟର ଉପକାରରେ ଲଗାଇବା, ଅନ୍ୟକୁ ସାହାଯ୍ୟ କରିବା । ଏ ହାତଦ୍ୱାରା କାହାକୁ କଷ୍ଟ ଦେବାନାହିଁ କିମ୍ବା କାହାର କ୍ଷତି କରିବା ନାହିଁ । ସେଥିପାଇଁ ବାବା କହିଛନ୍ତି –

ସାହାଯ୍ୟ କର ନିରନ୍ତର, ଅନିଷ୍ଟ ନ କର କାହାର ।

Help Ever Hurt Never.

ପ୍ରାର୍ଥନା କରୁଥିବା ଓଷ୍ଠଠାରୁ, ସେବା କରୁଥିବା ହସ୍ତ ଅଧିକ ପବିତ୍ର ।

Hands that serve are Holier than Lips that pray.

**୯) ସ୍ତୋତ୍ରର ଆବୃତି ଶିକ୍ଷା :**

- ଗୁରୁ ପିଲାମାନଙ୍କୁ ସୁଖାସନରେ ସିଧାଭାବରେ ବସିବାକୁ କହିବେ ।
- ଗୁରୁ ନିଜେ ପ୍ରଥମେ ଆବୃତି କରି ପିଲାମାନଙ୍କୁ ଶୁଣାଇବେ, ନଚେତ୍ ଅଡ଼ିଓ ପ୍ଲେ କରିପାରିବେ ।
- ତାପରେ ଗୁରୁ ସ୍ୱରଦେଇ ପ୍ରଥମ ଧାଡ଼ିଟି ପଢ଼ିବେ ଓ ପିଲା ପାଳି ଧରିବେ ।
- ଏହିପରି ପ୍ରତ୍ୟେକ ପିଲାଙ୍କୁ ସବୁ ପଦଗୁଡ଼ିକ ଆବୃତି କରାଇବେ ।
- ଭୁଲ୍ ହେଲେ ପ୍ରଥମେ ଅନ୍ୟ ପିଲାକୁ ପଚାରିବେ, ନ ହେଲେ ଗୁରୁ ନିଜେ ସଂଶୋଧନ କରିବେ । ଏବଂ ସେହି ପିଲାଟିକୁ ଆଉଥରେ ସଂଶୋଧନ କରି ବୋଲିବା ପାଇଁ କହିବେ ।

**୧୦) ଦୈନନ୍ଦିନ ଜୀବନରେ ମୂଲ୍ୟବୋଧର ଅଭ୍ୟାସ :**

- ଦୈନନ୍ଦିନ ଜୀବନରେ ଆମେ ସର୍ବଦା ସତ୍‌କର୍ମ ପାଇଁ ହସ୍ତର ବ୍ୟବହାର କରିବା ।
- ମୂଲ୍ୟବୋଧ ହେଉଛି – ସେବା ।

**୧୧) ଆନନ୍ଦ ଯାତ୍ରା :**

ପିଲାମାନେ ଚାଲ ପୁଣି ଥରେ ସେଇ ପବିତ୍ର ସକାଳକୁ ଫେରିଯାଇ ଦିନଟିକୁ ଆରମ୍ଭ କରିବା । ତୁମେମାନେ ଆଖିବୁଜି ସିଧାଭାବରେ ନୀରବରେ ବସିବ ଓ ମୋ କଥାକୁ ମନଦେଇ ଶୁଣିବ । ପିଲାମାନେ ଦେଖ, ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟ ହୋଇଗଲେଣି । ପକ୍ଷୀମାନଙ୍କର ସୁମଧୁର କାକଳିରେ ପରିବେଶ କେତେ ସୁମଧୁର ଲାଗୁଛି । ମାଆ ମୁଣ୍ଡରେ ହାତବୁଲାଇ ଗେଲହାକରି ଡ଼ାକୁଛନ୍ତି, ଧନରେ ଉଠିପଡ଼, ସକାଳ ହୋଇଗଲାଣି । ତୁମେମାନେ ଆଉ ଗୋଟିଏ ନୂତନ ସକାଳର ଦର୍ଶନ କରିପାରିଥିବାରୁ ସେହି ସୃଷ୍ଟିକର୍ତାଙ୍କୁ କୃତଜ୍ଞତା ଜଣାଇବା । ଏବେ ଆମେ ହସ୍ତକୁ ଯୋଡ଼ିବା । ହସ୍ତ ମଧ୍ୟରେ ଥିବା ତିନି ଦେବତା ଯଥାକ୍ରମେ ମା' ଲକ୍ଷ୍ମୀ, ମା' ସରସ୍ୱତୀ ଏବଂ ଶ୍ରୀଗୋବିନ୍ଦଙ୍କୁ ଦର୍ଶନ କରିବା । (କରାଗ୍ରେ ... ସ୍ତୋତ୍ରଟି ଗୁରୁ ଗାଇବେ) । ପ୍ରଭୁ ! ମୋତେ ଶକ୍ତି ଦିଅ । ଏ ହାତଦ୍ୱାରା ମୁଁ କାହାର କ୍ଷତି କରିବି ନାହିଁ । ମୋର ଏ କୁନି କୁନି ହାତଦ୍ୱାରା ମୁଁ ସର୍ବଦା ଭଲ କାମ କରିବି । ମୁଁ ମା'ଙ୍କ ପୂଜାପାଇଁ ଫୁଲ ତୋଳିଦେବି, ବାପାମାଆଙ୍କ ପାଦଛୁଇଁ ପ୍ରଣାମ କରିବି, ମୋର ନିଜ କାମ ସବୁ ନିଜେ କରିବି, ଅଗଣାରେ ଥିବା ଫୁଲଗଛରେ ପାଣି ଦେବି, ହାତଯୋଡ଼ି ପ୍ରଭୁଙ୍କୁ ପ୍ରଣାମ କରିବି, ବିଦ୍ୟାଳୟରେ ଦିଆଯାଇଥିବା ଗୃହକାର୍ଯ୍ୟକୁ ହାତରେ ସୁନ୍ଦରଭାବରେ ଲେଖିବି, ସନ୍ଧ୍ୟା ସମୟରେ ତାଳିମାରି ଭଜନ କରିବି, ଶୋଇବାପୂର୍ବରୁ ଦୁଇହାତଯୋଡ଼ି ଆପଣଙ୍କୁ ପ୍ରାର୍ଥନା କରି ଆନନ୍ଦରେ ତୁମ କୋଳରେ ଶୋଇଯାଇ ପୁଣି ନୂତନ ପ୍ରଭାତର ଅପେକ୍ଷାରେ ରହିବି । ପିଲାମାନେ ଏବେ ଦୁଇହାତର ପାପୁଲୀକୁ ଘସି ତା'ର ଉଷ୍ମତାକୁ ନିଜ ଆଖି ଉପରେ ଲଗାଅ । ଧିରେଧିରେ ଆଖିଖୋଲି ପ୍ରଭୁଙ୍କର ଫଟୋକୁ ଦର୍ଶନ କର ।

**୧୨) ମୂଲ୍ୟବୋଧ ଭିତିକ ପ୍ରଶ୍ନ :**

(କ) ଆମେ ହାତକୁ କି କି ଭଲ କାମରେ ଲଗାଇପାରିବା ?

(ଖ) ଏହାଦ୍ୱାରା ତୁମର କଣ ଲାଭ ହେବ ?

Written by -

**ଶ୍ରୀମତୀ କୁମୁଦିନି ସର**

**ଶ୍ରୀମତୀ ସିପ୍ରା ଦାସ**